# ନିଯୁକ୍ତି ମିଶନରେ ପ୍ରଶିକ୍ଷଣ ଶିବିର, ପ୍ରଥମ ପର୍ଯ୍ୟାୟରେ ୫ହଜାରଙ୍କୁ ତାଲିମ

ଭୁବନେଶ୍ୱର,(ଆ.ପ୍ର.): ରାଜ୍ୟର ବେକାର ଯୁବକଯୁବତୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ଆରମ୍ଭ କରାଯାଇଥିବା ନିଯୁକ୍ତି ମିଶନର ପ୍ରଥମ ତାଲିମ ଶିବିରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ଉଦ୍‌ଘାଟନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ହଜାର ବେକାର ଯୁବକଯୁବତୀଙ୍କୁ ବିନାମୂଲ୍ୟରେ ତାଲିମ ଯୋଗାଇ ଦିଆଯିବ ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ରାଜ୍ୟରେ ଯୁବକ ଯୁବତୀମାନଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ନିଯୁକ୍ତିମିଶନ ଶିଳ୍ପବିଭାଗ ସହଯୋଗରେ ୧୭ଟି ପଲିଟେକ୍‌ନିକ, ୧୨୩ଟି ଆଇଟିଆଇ ଏବଂ ୧୦ଟି କମ୍ୟୁନିଟି ପଲିଟେକ୍‌ନିକରେ ୨୪ଟି କ୍ଷେତ୍ର ଉପରେ ତାଲିମ ପ୍ରଦାନ କରିବ । ରାଜ୍ୟରେ ଶିଳ୍ପାୟନ ଏବେ ଚରମ ସୀମାରେ ପହଞ୍ଚିଛି । ବିଶେଷ କରି ଇସ୍ପାତ କ୍ଷେତ୍ରରେ ବିଭିନ୍ନ ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ରାଜ୍ୟରେ କାରଖାନା ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିସାରିଛନ୍ତି । ଏପରି ଅବସ୍ଥାରେ ଏହି କାରଖାନା ଗୁଡିକରେ ବହୁ ସଂଖ୍ୟାରେ କୁଶଳୀ କାରିଗରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଯୁକ୍ତି ମିଶନ କାର୍ଯ୍ୟ କରିବ । ଯୁବକଯୁବତୀଙ୍କୁ ତାଲିମ ସଂପୂର୍ଣ୍ଣ ମାଗଣାରେ ଦିଆଯାଉଥିବା ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହଜାରେ ଜଣ ଯୁବକଯୁବତୀଙ୍କୁ ଦୈନିକ ୨୫ ଟଙ୍କା ଲେଖାଏଁ ଭତ୍ତା ଦିଆଯିବ । ଏହି ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତିରାଜ ମନ୍ତ୍ରୀ ଦାମୋଦର ରାଉତ ଯୋଗ ଦେଇ କହିଲେ ଯେ ଅଧାରୁ ପାଠ ଛାଡି ଥିବା ଯୁବକ ଯୁବତୀଙ୍କ ପାଇଁ ଏହା ଏକ ସୁଯୋଗ । ଧଇମୂଳକ ତାଲିମ ବ୍ୟତୀତ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ପ୍ରତି ବର୍ଷ ୧୦୦ କୋଟି ଟଙ୍କାର ଋଣ ସହାୟତା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ବ୍ୟତୀତ ମାଛ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତି ବ୍ଲକରେ ୧୦୦ ଟି ଲେଖାଏଁ ଟାଙ୍କି କରାଯିବ । ରାଜ୍ୟର ୧୯୮ଟି ବ୍ଲକରେ ଏହି ମାଛ ଟାଙ୍କି କରାଯିବ ବୋଲି ଶ୍ରୀ ରାଉତ ଘୋଷଣା କରିଥିଲେ । ଶ୍ରମ ନିଯୁକ୍ତି ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଲେ ଯେ ଆଗାମୀ ବର୍ଷ ମାନଙ୍କରେ ଯେଉଁ ଯୁବକ ଯୁବତୀମାନେ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜିକରଣ କରିଥିବେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ତାଲିମ ପ୍ରଦାନ କରାଯିବ । ୨୦୧୦ ମସିହା ସୁଦ୍ଧା ରାଜ୍ୟର ଅଣ୍ଡା ଉତ୍ପାଦନକୁ ୧୨ ଲକ୍ଷରୁ ବୃଦ୍ଧି କରାଯାଇ ୯ କୋଟି ଓ ମାଛ ରପ୍ତାନୀକୁ ୭୦୦ କୋଟିରୁ ବୃଦ୍ଧି କରାଯାଇ ୧୦୦୦ କୋଟିରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଶିଳ୍ପ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଇସ୍ପାତ ଓ ଖଣିମନ୍ତ୍ରୀ ପଦ୍ମନାଭ ବେହେରା, ମୁଖ୍ୟ ଶାସନ ସଚିବ ସୁଭାଷ ପାଣି, ଭାରତୀୟ ରତ୍ନ ପଥର ଓ ଗହଣା ରପ୍ତାନୀ ପରିଷଦର ଅଧ୍ୟକ୍ଷ ପଙ୍କଜ ପାରେଖ ପ୍ରମୁଖ ଯୋଗ ଦେଇଥିଲେ ।